୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.150 Bhubaneswar Friday July 25 2025 | ୨୭ତମ ବର୍ଷ ସଂଖ୍ୟା-୧୫୦ ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୨୫, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


### ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ

## ୪୯୮୨.୬୬ କୋଟିର ୨୩ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ମଂଜୁରୀ



ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ୧୩୮ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୪,୯୮୨.୬୬ କୋଟି ଟଙ୍କାର ୨୩ଟି ନୂତନ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ପ୍ରସ୍ତାବଗୁଡ଼ିକ ରାଜ୍ୟର ୧୨ଟି ଜିଲ୍ଲାରେ ୧୧,୯୩୩ଟି ନିଯୁକ୍ତି ସୃଷ୍ଟି କରିବ। ଯେଉଁସବୁ କ୍ଷେତ୍ରରେ ଏସବୁ ନିବେଶ ଆସିଛି ସେଗୁଡ଼ିକ ମଧ୍ୟରେ ରହିଛି ପୋଷାକ ଏବଂ ବୟନଶିଳ୍ପ, ଇସ୍ପାତ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଏବଂ ପାନୀୟ, ରାସାୟନିକ ପଦାର୍ଥ, ଔଷଧ, ଶକ୍ତି ଏବଂ ନବୀକରଣୀୟ ଶକ୍ତି, ଆଇଟି ଏବଂ ଆଇଟିଇଏସ, ପର୍ଯ୍ୟଟନ, ଏବଂ ମହାକାଶ ଏବଂ ପ୍ରତିରକ୍ଷା । ଏସବୁ ନିବେଶ ପ୍ରସ୍ତାବଗୁଡ଼ିକ ମଧ୍ୟରେ ସର୍ବାଧିକ ନିବେଶ ପ୍ରସ୍ତାବ ଲୁମିନସ ପାୱାର ଟେକନୋଲୋଜୀ ପକ୍ଷରୁ ଦିଆଯାଇଛି। କମ୍ପାନି ଗୋପାଳପୁରଠାରେ ସୋଲାର ସେଲ ଓ ସୋଲାର ଫଟୋ ଭୋଲଟାଇକ୍ ମଡ୍ୟୁଲ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ସେହିପରି କିଣ୍ଡେ ଇଣ୍ଡିଆ ସୁନ୍ଦରଗଡ଼ ଜିଲ୍ଲାରେ ୫୧୦ କୋଟି ଟଙ୍କା ନିବେଶରେ ଏକ ଏୟାର ସେପାରେସନ ୟୁନିଟ ସ୍ଥାପନ କରିବ । କଟିଆ ସ୍କିଲ ପକ୍ଷରୁ ଯାଜପୁରରେ ଏକ ସ୍କିଲ ଷ୍ଟକରେ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ । ଏଥିପାଇଁ କମ୍ପାନି ୪୫୧ କୋଟି ଟଙ୍କା ନିବେଶ କରିବ । ଅନ୍ୟପକ୍ଷରେ ହିନ୍ଦୁସ୍ତାନ ଆକ୍ୱା ପକ୍ଷରୁ ସୁନ୍ଦରଗଡ଼ରେ ୩୨୦ କୋଟି ଟଙ୍କା ବ୍ୟୟରେ ଏକ ବେଭରେଜ ମାନୁଫାକଚରିଂ ୟୁନିଟ୍ ସ୍ଥାପନ କରାଯିବ । ବୋନଫି ଟେକନଲୋଜୀ ଖୋର୍ଦ୍ଧା ଜିଲ୍ଲାରେ ଏକ ଡ୍ରୋନ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛି । ଏଥିପାଇଁ ୩୦୦ କୋଟି ବ୍ୟୟ ହେବ ।

## ଆମ ସରକାର ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ମହାସଂଘ ଆଦିବାସୀଙ୍କ ସାମୂହିକ କଲ୍ୟାଣ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରଙ୍କର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଥିଲେ। ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଜାକ୍ସା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ଲଣ୍ଡନ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁକ୍ତରାଜ୍ୟ (ବ୍ରିଟେନ) ଗସ୍ତ ସମୟରେ ଗୁରୁବାର ଭାରତ ଏବଂ ଯୁକ୍ତରାଜ୍ୟ ମଧ୍ୟରେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ସ୍ୱାକ୍ଷରିତ ହୋଇଛି। ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଗ୍ରାମୀଣ ବାସଭବନ ଲଣ୍ଡନ ନିକଟସ୍ଥ ଚେକର୍ସରେ ମୋଦୀ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କୁ ଭେଟିଥିଲେ। ଏହି ଅବସରରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମାକୁ ଭାରତ ଏବଂ ୟୁକେ ମଧ୍ୟରେ ଆର୍ଥିକ ଅଭିବୃଦ୍ଧି ଏବଂ ନୂତନ ନିଯୁକ୍ତି ସୁଯୋଗର ଚାବିକାଠି ଭାବରେ ବିବେଚନା କରାଯାଉଛି। ଏହା ଭାରତର ଯୁବପିଢ଼ି ପାଇଁ ବିଶେଷ ଲାଭଦାୟକ ହେବ, କାରଣ ଏହା ଅନ୍ତର୍ଜାତୀୟ ସ୍ତରରେ କାମ କରିବାର ସୁଯୋଗ ବୃଦ୍ଧି କରିବ। ସରକାରୀ ଅଧିକାରୀଙ୍କ ଅନୁଯାୟୀ, ଏହି ଚୁକ୍ତିନାମା ସିଧାସଳଖ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି), ଆଇ ଭିତ୍ତିକସେବା, ଆର୍ଥିକ ସେବା, ବୃତ୍ତିଗତ ସେବା (ଯେପରିକି ପରିଚାଳନା ପରାମର୍ଶ, ସ୍ଥାପତ୍ୟ ଏବଂ ଇଞ୍ଜିନିୟରିଂ), ଏବଂ ଶିକ୍ଷା-ସମ୍ବନ୍ଧୀୟ ସେବାଗୁଡ଼ିକୁ ଲାଭଦାୟକ କରିବ।

## ଆନ୍ଦୋଳନ କରିବା ଅଧିକାର, କିନ୍ତୁ ସରକାରୀ ସମ୍ପତ୍ତି ନଷ୍ଟ କରିବା ଅଧିକାର ନୁହେଁ: ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର: ଛାତ୍ର କଂଗ୍ରେସ ଆନ୍ଦୋଳନ ବେଳେ ଭୁବନେଶ୍ୱର ରାଜରାସ୍ତାରେ ବାଡ଼ ଭାଙ୍ଗିବା ମାମଲାରେ ଆନ୍ଦୋଳନ କାରୀଙ୍କ ବିରୋଧରେ ବିଭାଗ ପକ୍ଷରୁ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ବିଚାର ବିମର୍ଶ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ମାର୍ଟସିଟି ଲିମିଟେଡ୍ ଗ୍ରହଣ କରିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି।ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି କିନ୍ତୁ ସରକାରୀ ସମ୍ପତ୍ତି ନଷ୍ଟ କରିବାର ଅଧିକାର କାହାର ନାହିଁ ।ଯେଉଁମାନେ ଆନ୍ଦୋଳନ କରୁଥିଲେ ସେମାନେ ସରକାରୀ ସମ୍ପତ୍ତି ନଷ୍ଟ କରିଛନ୍ତି ସେମାନଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ଛାତ୍ର କଂଗ୍ରେସର କିଛି ସଦସ୍ୟ ଜେଲରୁ ରାଲି ବାହାର କରି ଆସିବା ବେଳେ ରାମ ମନ୍ଦିରରୁ ମାଷ୍ଟରକ୍ୟାଣ୍ଟିନ ମଧ୍ୟରେ ସ୍ମାର୍ଟ ସିଟି ଲଗାଇଥିବା ବିଏମସି ବାଡ଼କୁ ସେମାନେ ଭାଙ୍ଗିଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

## ବିଜେଡି କର୍ପୋରେଟଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ: କାହା ଚାପରେ ପୁଲିସ ନିରବ



ଭୁବନେଶ୍ୱର,୨୪।୭(ପି.ଏନ): ଭୁବନେଶ୍ୱରର ବିଜେଡି କର୍ପ ?।ରେଟର ଅମରେଶ ଜେନା(ବାଇଁଆ)ଙ୍କ ନାଁରେ ଆସିଛି ଦୁଷ୍କର୍ମ ଓ ଭ୍ରୂଣ ହତ୍ୟାର ଅଭିଯୋଗ । ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ଗତକାଲି ଏକ ମାମଲା ରୁଜୁ କରିଥିବାବେଳେ ଆଜି ତାଙ୍କର ଡାକ୍ତରୀ ମାଇନା କରିଛି । ମାତ୍ର ଅଭିଯୋଗର ୨୪ଘଣ୍ଟା ବିତିଯିବା ପରେ ମଧ୍ୟ ସମ୍ପୃକ୍ତ ପ୍ରଭାବଶାଳୀ କର୍ପ ?।ରେଟରଙ୍କୁ ଛୁଇଁବାକୁ ବି ସାହାସ ଜୁଟାଇ ପାରିନାହିଁ । ଯଦିଓ ଜଣେ ଯୁବତୀଙ୍କ ଦ୍ୱାରା ୪ମାସ ପୁରୁଣା ଏକ ଘଟଣାରେ ଅଭିଯୋଗ ହେଉହେଉ ରାତିଅଧିଆ ଛାତ୍ର କଂଗ୍ରେସର ସଭାପତି ଉଦିତ୍ ପ୍ରଧାନଙ୍କୁ ଗିରଫ କରିଥିବା କମିଶନରେଟ ପୁଲିସ ଏବେ କାହା ଚାପରେ ଚେପା ହୋଇଛି ତାକୁ ନେଇ ପ୍ରଶ୍ନ ଉଠିଛି । ଥାନାରେ ମାମଲା ଓ ଅଭିଯୋଗକାରିଣୀଙ୍କ ଡାକ୍ତରୀ ମାଇନା ଜଣେ ୧୯ବର୍ଷୀୟା ଯୁବତୀ ଗତକାଲି(ଜୁଲାଇ ୨୩ତାରିଖ)ରେ ଲକ୍ଷ୍ମୀସାଗର ଥାନାରେ ବିଜେଡି କର୍ପ ?।ରେଟର ଅମରେଶ ଜେନାଙ୍କ ବିରୁଦ୍ଧରେ ପ୍ରେମ,ପ୍ରତାରଣା, ଦୁଷ୍କର୍ମ ଓ ଭ୍ରୂଣ ହତ୍ୟା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଯୁବତୀଙ୍କ ଘର ମଧ୍ୟ ଲକ୍ଷ୍ମୀସାଗର ଥାନା ଅଂଚଳରେ । ୨୦୨୩ ସେପ୍‌ଟେମ୍ବର ମାସରେ ସମ୍ପୃକ୍ତ ଯୁବତୀଙ୍କ ସହ ପୁରୀରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବାର ଅଭିଯୋଗ ଆଣିଛନ୍ତି

## ୪ ଅଲକାଏଦା ଆତଙ୍କୀ ଗିରଫ: ଅପରେସନ ସିନ୍ଦୂର ବେଳେ ପାକିସ୍ତାନ ଓ ଓଝଓ ଯୋଗାଯୋଗରେ ଥିଲେ



ଭୁବନେଶ୍ୱର,୨୪।୭(ପି.ଏନ): ଗୁଜରାଟ ଏଟିଏସ ଦ୍ୱାରା ବୁଧବାର ଗିରଫ ହୋଇଥିବା ୪ ଅଲକାଏଦା ଆତଙ୍କବାଦୀଙ୍କ ବିରୋଧରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏମାନେ ମେ' ମାସରେ ଭାରତୀୟ ସେନା କରିଥିବା ଅପରେସନ ସିନ୍ଦୂର ବେଳେ ପାକିସ୍ତାନ ଆର୍ମି ଓ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ନିୟମିତ ଯୋଗାଯୋଗରେ ରହିଥିଲେ। ଏଥିସହ ସେନା ସହ ଜଡ଼ିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନକୁ ଦେଇଥିଲେ। ଗିରଫ ଆତଙ୍କବାଦୀମାନେ ସୋଶାଲ ମିଡିଆରେ ଯୁବଗୋଷ୍ଠୀଙ୍କୁ ଟାର୍ଗେଟ କରୁଥିଲେ ଓ ଅପରେସନ ସିନ୍ଦୂର ବିରୋଧରେ ଉସକାଉଥିଲେ। ପାକିସ୍ତାନ ଆରମ୍ଭ କରିଥିବା ତଥାକଥିତ ଅପରେସନ ବୁନୟାନ ଉନ ମାସି ?ସ ସପକ୍ଷରେ ଭାରତରେ ମାହୋଲ ସୃଷ୍ଟି କରିବା ଗିରଫ ଆତଙ୍କବାଦୀମାନଙ୍କ ଉଦ୍ଦେଶ୍ୟ ରହିଥିଲା। ଏହି ଟେରର ମଡ୍ୟୁଲ ଅପରେସନ ସିନ୍ଦୂର ସମୟରେ ବେଶ ସକ୍ରିୟ ରହିଥିଲା ବୋଲି ଜଣାପଡିଛି।

## ପୁଣି ଆଇଏଏସ୍ ବଦଳି: ୧୩ ଅଫିସରଙ୍କୁ ନୂଆ ଦାୟିତ୍ୱ




ଭୁବନେଶ୍ୱର,୨୪।୭(ପି.ଏନ): ରାଜ୍ୟ ସରକାର ଆଜି ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିବା ସହ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି । ଗତ ଦୁଇଦିନ ତଳେ ଜାରି ହୋଇ ୪୭ଜଣିଆ ଆଇଏଏସ୍ ଅଫିସରଙ୍କ ବଦଳି ତାଲିକାର ଏହା ସଂଶୋଧିତ ସଂସ୍କରଣ ବୋଲି କୁହାଯାଉଛି । ପୂର୍ବ ବଦଳି ସମୟରେ ଯେଉଁ କିଛି ପ୍ରଶାସନିକ ତ୍ରୁଟି ରହିଥିଲା ତାକୁ ସୁଧାରି ରାଜ୍ୟ ସରକାର ଆଜି ଏହି ବଦଳି ତାଲିକା ଜାରି କରିଥିବା ଜଣାପଡିଛି । ୨୦୨୩ ବ୍ୟାଚ୍‌ର ୮ଜଣ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି ।

**କାହାକୁ ମିଳିଲା କେଉଁ ପଦବୀ**

ରାଜେଶ ପ୍ରଭାକର ପାଟିଲ- ସଚିବ ସମବାୟ ବିଭାଗ, ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଓ ଗୃହ-ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ(ଅତିରିକ୍ତ ଦାୟିତ୍ୱ)

ବିଜୟ କେତନ ଉପାଧ୍ୟାୟ -ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱରେ ରହିବେ । ସେ ଏବେ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି

ସମର୍ଥ ବର୍ମା- ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ), ନିର୍ଦ୍ଦେଶକ, କ୍ଷୁଦ୍ର ଖଣିଜ, ଭୁବନେଶ୍ୱର

ଦୀପଙ୍କର ମହାପାତ୍ର- ଓଡିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

ଟ୍ରେନିଂରୁ ଫେରିଥିବା ୨୦୨୩ ବ୍ୟାଚ୍‌ର ୮ଜଣ ଆଇଏଏସ୍ ଅଫିସରଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଂଚ୍ପୀର-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍ମି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ ମାଲବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି ।

## ଗେ' ଡେଟିଂ ଆପ୍‌ରେ ଯୁବକଙ୍କୁ ହୋଟେଲ ଡାକି ଫଁସିଗଲେ ଡାକ୍ତର, ହରାଇଲେ ୮ ଲକ୍ଷ

ଭୁବନେଶ୍ୱର,୨୪।୭(ପି.ଏନ): ପୁରୁଷ ହୋଇ ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଇଚ୍ଛା ଜଣେ ୫୭ ବର୍ଷୀୟ ଡାକ୍ତରଙ୍କୁ ମହଙ୍ଗା ପଡିଛି। ଗୋଟିଏ ହୋଟେଲରେ ଗେ' ଡେଟିଂ ପାଇଁ ପ୍ରୟାସ କରି ଘାଟାରେ ପଡିଛନ୍ତି ଡାକ୍ତର। ସେ ଗେ' ଡେଟିଂ ଆପ୍‌ରେ ଜଣେ ଯୁବକଙ୍କୁ ବାରାଣସୀ ହୋଟେଲକୁ ଡାକି ଫସି ଯାଇଛନ୍ତି। ଯୁବକ ଜଣଙ୍କ ହୋଟେଲ ଆସି ତାଙ୍କ ଠାରୁ ଲୁଟି ନେଇଛନ୍ତି ୮ ଲକ୍ଷ ଟଙ୍କା। ଆର୍ଥିକ ଘାଟା ସହିବା ପରେ ଡାକ୍ତର ଜଣଙ୍କ ପୁଲିସ୍‌ର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ୍ ଏଫଆଇଆର ରୁଜୁ କରି ଏବେ ଅଭିଯୁକ୍ତଙ୍କୁ ଖୋଜିବାରେ ଲାଗି ପଡିଛି। ଗତ ରବିବାର ଡାକ୍ତର ଜଣଙ୍କ ବାରାଣସୀରେ ଥିବା ଗୋଟିଏ ହୋଟେଲରେ ରହିଥିଲେ। ଏହି ସମୟରେ ସେ ଗେ' ଡେଟିଂ ଆପ୍‌ରେ ଆଉ ଜଣେ ଯୁବକଙ୍କୁ ଯୋଗାଯୋଗ କରିଥିଲେ। ଡାକ୍ତର ଜଣଙ୍କ ତାଙ୍କ ଫୋନ ନମ୍ବର ଓ ହୋଟେଲ ଠିକଣା ବିକାଶ ନାମକ ଜଣେ ଯୁବକଙ୍କୁ ଦେଇଥିଲେ। ସେ ତାଙ୍କୁ ହୋଟେଲକୁ ଡାକିବା ସହ ଆସିଲା ବେଳକୁ ବିୟର ଆଣିବାକୁ କହିଥିଲେ।

## ଭାରତୀୟଙ୍କୁ ଆଉ ଚାକିରି ନ ଦେବାକୁ ଗୁଗଲ ଓ ମାଇକ୍ରୋସଫ୍ଟକୁ କହିଲେ ଟ୍ରମ୍ପ



ଭୁବନେଶ୍ୱର,୨୪।୭(ପି.ଏନ): ପୁଣି ଭାରତ ଓ ଭାରତୀୟଙ୍କ ବିରୋଧରେ ମତ ରଖିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ ଗୁଗଲ, ମାଇକ୍ରୋସଫ୍ଟ ଭଳି ବଡବଡ ଟେକ କମ୍ପାନୀଗୁଡିକୁ କଡା ବାର୍ତ୍ତା ଦେଇଛନ୍ତି। ଭାରତ ଭଳି ବିଦେଶ ରାଷ୍ଟ୍ରର ଲୋକଙ୍କୁ ନିଯୁକ୍ତି ଦେବା କମ୍ପାନୀଗୁଡିକ ବନ୍ଦ କରନ୍ତୁ ବୋଲି ଟ୍ରମ୍ପ କହିଛନ୍ତି। ଏହାପୂର୍ବରୁ ଟ୍ରମ୍ପ ଆପଲ ଭଳି ମୋବାଇଲ କମ୍ପାନୀକୁ ଭାରତରେ ଫ୍ୟାକ୍ଟ୍ରୀ ଖୋଲିବାକୁ ବାରଣ କରିଥିଲେ। ବୁଧବାର ୱାଶିଂଟନରେ ଆୟୋଜିତ ଗୋଟିଏ ଇଓ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି, ଆମେରିକୀୟ କମ୍ପାନୀଗୁଡିକ ଏବେ ନିଜ ଘରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଫୋକସ କରନ୍ତୁ। ସେମାନେ ଚାଇନାରେ ଫ୍ୟାକ୍ଟ୍ରୀ ତିଆରି କରିବା ଓ ଭାରତୀୟ ଟେକ କର୍ମଚାରୀଙ୍କୁ ନିଯୁକ୍ତି ଦେବା ବନ୍ଦ କରନ୍ତୁ।

## ତୀବ୍ର ହେଲା ଥାଇଲ୍ୟାଣ୍ଡ-କମ୍ବୋଡିଆ ଯୁଦ୍ଧ: ସୀମା ବନ୍ଦ, ସାଧାରଣ ଲୋକ ମୃତ, ଏଫ-୧୬ ମୁତୟନ



ଭୁବନେଶ୍ୱର,୨୪।୭(ପି.ଏନ): ଥାଇଲ୍ୟାଣ୍ଡ ଓ କମ୍ବୋଡିଆ ମଧ୍ୟରେ ପୁଣିଥରେ ବିବାଦୀୟ ସୀମାକୁ ନେଇ ଲଢ଼େଇ ଆରମ୍ଭ ହୋଇଯାଇଛି। ଏହି ଲଢ଼େଇ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଯାଇଥିବା ବେଳେ ଦୁଇ ଦେଶ ମଧ୍ୟରେ କୂଟନୀତିକ ସମ୍ପର୍କ ବିଗିଡି ଯାଇଛି। ଦୁଇ ଦେଶ ପରସ୍ପର ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଲାଗିଛନ୍ତି। ସୀମାନ୍ତରେ ଥିବା ପୁରାତନ ମନ୍ଦିର ନିକଟ ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ରହିଛି। ନିକଟରେ ଏଠାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଠାରୁ ଆରମ୍ଭ କରି ଗୁଳି ମାଡ ଓ ଏୟାର ଷ୍ଟ୍ରାଇକ ଭଳି ସଶସ୍ତ୍ର ଘଟଣା ଘଟଥିଲା। ଲ୍ୟାଣ୍ଡମାଇନ ବିସ୍ଫୋରଣ ଯୋଗୁ ଥାଇଲ୍ୟାଣ୍ଡର ୫ ଜଣ ସୈନ୍ୟ ଆହତ ହୋଇଥିଲେ। ଏଥିଯୋଗୁ ଥାଇଲ୍ୟାଣ୍ଡ ସରକାର କମ୍ବୋଡିଆ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିଲେ ଓ ନିଜର ଉତ୍ତରପୂର୍ବ ସୀମାନ୍ତକୁ ବନ୍ଦ କରି ଦେଇଥିଲେ।

## ଅନୀଲ ଅମ୍ବାନୀଙ୍କ ଏକାଧିକ ଠିକଣାରେ ଇଡି ରେଡ୍



ଭୁବନେଶ୍ୱର,୨୪।୭(ପି.ଏନ): ଶିଳ୍ପପତି ଅନୀଲ ଅମ୍ବାନୀଙ୍କ କମ୍ପାନୀ ସହ ଜଡିତ ମୁମ୍ବାଇରେ ଥିବା ଏକାଧିକ ଠିକଣାରେ ଆଜି ସକାଳୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ରେଡ୍ ? ଆରମ୍ଭ କରିଛି। ଏହାର କିଛି ଦିନ ପୂର୍ବରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ରିଲାଏନ୍ସ କମ୍ୟୁନିକେସନ ଓ ଏହାର ପ୍ରମୋଟର-ନିର୍ଦ୍ଦେଶକ ଅନୀଲ ଡି ଅମ୍ବାନୀଙ୍କୁ 'ଠକ' ଭାବେ ଘୋଷଣା କରିଥିଲା। ଏସିବିଆଇର ଏପରି ପଦକ୍ଷେପ ପରେ ଆଜି ଇଡି ପକ୍ଷରୁ ରେଡ ଆରମ୍ଭ କରାଯାଇଛି। ରେଡରୁ ଅମ୍ବାନୀଙ୍କ ବ୍ୟକ୍ତିଗତ ଘରକୁ ବାଦ ଦିଆଯାଇଛି। ହେଲେ ଦିଲ୍ଲୀ ଓ ମୁମ୍ବାଇର ଇଡି ଟିମ ଅମ୍ବାନୀଙ୍କ କମ୍ପାନୀ ଅଧୀନରେ ଥିବା ଏକାଧିକ ଠିକଣାରେ ସର୍ଚ୍ଚ ଅପରେସନ କରିଛନ୍ତି। ରିଲାଏନ୍ସ ଅନୀଲ ଅମ୍ବାନୀ ଗ୍ରୁପ କମ୍ପାନୀ ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ଏପରି ତଦନ୍ତ କରିଥିବା ଜଣାପଡିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜୁଲାଇ ୨୫

# ବିଚାରପତି ଗତିକୃଷ୍ଣ ମିଶ୍ର

*ସୌର ଚନ୍ଦ୍ର ମହାପାତ୍ର*

ଆଇନ ଅଦାଲତ ଦୁନିଆରେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଏକ ସୁପରିଚିତ ନାମ । ନିରପେକ୍ଷ, ନ୍ୟାୟପୂର୍ଣ୍ଣ ବିଚାର ପାଇଁ ସେ ପ୍ରସିଦ୍ଧ ଥିଲେ । ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ଇଂଟରମିଡ଼ିଏଟ ଉତୀର୍ଣ୍ଣ ହେବା ପରେ, ପାଟନା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତର ଓ ଆଇନ ପଢ଼ିଥିଲେ । ୧୯୪୦ରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ । ୧୯୪୩ରେ ମୁନସ । ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ । ପରେ ଚାକିରିରୁ ଇସ୍ତ ।। ଦେଇ ପୁନର୍ବାର ଓକିଲାତି କରିଥିଲେ । ଅସାଧାରଣ ପ୍ରତିଭା, କର୍ମନିଷ୍ଠା ଓ ପାରଦର୍ଶିତା ଯୋଗୁଁ ସରକାର, ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଥିଲେ । ୧୯୬୯ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ । ମୁଖ୍ୟ ବିଚାରପତି ଥିବାବେଳେ ୧୯୭୨ ଓ ୧୯୭୪ରେ ଆମ ରାଜ୍ୟର କାର୍ଯ୍ୟକାରୀ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ । ନ୍ୟାୟ ବ୍ୟବସ୍ଥାରେ ପରିବର୍ତନ ଓ ସଂସ୍କାର ଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିପାରିବ ଏବଂ ଏଥିପାଇଁ ଓକିଲଙ୍କୁ ତାଲିମ ତଥା ତ୍ୱରାନ୍ୱିତ ବିଚାର ବ୍ୟବସ୍ଥା ପାଇଁ ଅଧିକ ଲୋକ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ । ୧୯୧୩ ଅକ୍ଟୋବର ୩୧ ତାରିଖ ଦିନରେ ଢ଼େଙ୍କାନାଳ ଜିଲ୍ଲା ଗଇଲୋ ଗ୍ରାମରେ ନ୍ୟାୟମୂର୍ତି ଗତିକୃଷ୍ଣ ମିଶ୍ର ଜନ୍ମ ଗ୍ରହଣ କରିଥିଲେ । ଆଜିର ଭାରତର ନ୍ୟାୟିକ ବ୍ୟବସ୍ଥା ଓ ବିଳମ୍ବିତ ନ୍ୟାୟକୁ ନେଇ ଯେଉଁପରି ଉଦ୍‌ବେଗଜନକ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଛି ଏପରି ସମୟରେ ବିଚାରପତି ଗତିକୃଷ୍ଣ ମିଶ୍ରଙ୍କ ଆଦର୍ଶଣୀୟ ବିଚାରବନ୍ତ ନ୍ୟାୟ ପଦ୍ଧତିର ଜୀବନ ପ୍ରତିଟି ଆଇନଜୀବୀଙ୍କ ପାଇଁ ସ୍ମରଣୀୟ । ତୀକ୍ଷ୍ଣ ବୁଦ୍ଧି ଆଇନର ସୂକ୍ଷ୍ମାତିସୂକ୍ଷ୍ମ ଓ ଜଟିଳ ଆଇନ କ୍ଷେତ୍ର ଉପରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା । ତାଙ୍କ ନିରଳସ, ନିରାଡ଼ମ୍ବର, ସରଳ ଜୀବନ ଓ ଯୁବ ଆଇନଜୀବୀଙ୍କ ପାଇଁ ସେ ଯେଉଁପରି ଉଚିତ ନ୍ୟାୟ ପଦ୍ଧତିର ମାର୍ଗ ଦେଖାଉଥିଲେ ତାହାକୁ ଆଜିର ଦିବସରେ ସ୍ମରଣ କରିବା ଅତ୍ୟନ୍ତ ପ୍ରାସଙ୍ଗିକ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*ନ୍ତସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# ଚେତନା ବିକାଶରେ ଯୋଗ



ଡ଼ଃ.ଅରୁନ୍ଧତୀ ଦେବୀ

ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ ଅଟେ । ଯେଉଁଥିରେ ପଦାର୍ଥ, ଜୀବନ ଓ ଚେତନାର ସମନ୍ୱୟ ଥାଏ । ଭାରତୀୟ ପ୍ରାଚୀନତମ ଯୋଗ ପଦ୍ଧତି ଅନୁଯାୟୀ ମୂଳତଃ ଯୋଗ ହେଉଛି ୮୪ ପ୍ରକାରର । ତେବେ ତା’ମଧ୍ୟରୁ ସବୁଠାରୁ ମହତ୍ୱପୂର୍ଣ୍ଣ ଯୋଗ ହେଉଛି ବାରଟି । ତାହାହେଲା - ଜପଯୋଗ, ପ୍ରାଣଯୋଗ, ରାଜଯୋଗ, ହଟଯୋଗ, ଲୟଯୋଗ, ରଜୁଯୋଗ, ନାଦଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, କର୍ମଯୋଗ, ସ୍ୱରଯୋଗ, ମନ୍ତ୍ରଯୋଗ ଓ ତନ୍ତ୍ରଯୋଗ । ପତଞ୍ଜଳି ଯୋଗଶାସ୍ତ୍ରରୁ ଉପରୋକ୍ତ ଯୋଗର ପଦ୍ଧତି ପ୍ରଣୀତ । ରାଜଯୋଗ ହେଉଛି ଯୋଗ ମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠତମ ଯୋଗ । ମନର ସମସ୍ତ ପ୍ରକାର ବୃତିର ତରଙ୍ଗକୁ ସଂଯତ କରିଦେବା ହିଁ ରାଜଯୋଗର ଲକ୍ଷଣ । ପତଞ୍ଜଳିଙ୍କ ରାଜଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ଦୁଃଖଶୋକରୁ ମୁକ୍ତି ପାଇବାର ରାଜମାର୍ଗ ହେଉଛି ଏହି ଯୋଗ । ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇଛି । ଶ୍ରୀମଦ ଭଗବତ ଗୀତାତ ସ୍ୱୟଂ ଯୋଗଶାସ୍ତ୍ର । ଜ୍ଞାନଯୋଗ ଅନୁସାରେ ବ୍ରହ୍ମଙ୍କ ସହିତ ଏକତ୍ର ଜ୍ଞାନ ହିଁ ମୁଖ୍ୟ । ବ୍ରହ୍ମ ଭାବରେ ସ୍ଥିତି ଲାଭ କରିବା ହିଁ ଜ୍ଞାନଯୋଗ ସାଧନାର ଲକ୍ଷ୍ୟ । କର୍ମ ହେଉଛି ବନ୍ଧନର କାରଣ । ଏଥିରୁ ମୁକ୍ତିଲାଭ କରିବା ସକାଶେ କର୍ମଯୋଗର ସାହାଯ୍ୟ ନିଆଯାଏ । ନରନାରାୟଣଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ନିଷ୍କାମ କର୍ମଯୋଗ ବୋଲାଯାଏ । ଆଧ୍ୟାତ୍ମିକ ପିପାସୁଙ୍କ ମତରେ ଭଗବତ ପ୍ରାପ୍ତିର ସର୍ବାପେକ୍ଷା ସରଳ ଓ ସୁଗମ ମାର୍ଗ ହେଉଛି ଭକ୍ତିଯୋଗ । ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନରେ ନିର୍ମଳ ଓ ନିସ୍କପଟ ଭାବେ ଈଶ୍ୱରଙ୍କୁ ଖୋଜିବା ହିଁ ଭକ୍ତିଯୋଗ ଅଟେ । ‘ମନନାତ୍ ତ୍ରାୟତେ ଇତି ମନ୍ତ୍ର’ ଅର୍ଥାତ୍ ଯାହା ମନ ଭିତରେ ସବୁବେଳେ ଭାବି ଚାଲିଲେ ଜନ୍ମ-ମୃତ୍ୟୁର ଚକ୍ରରୁ ରକ୍ଷା ମିଳେ ତାହା ହିଁ ମନ୍ତ୍ର । ଜପ ଏକ ମହତ୍ୱପୂର୍ଣ୍ଣ ଯୋଗ ଅଟେ । ଚିତକୁ ଶାନ୍ତ ତଥା ମନକୁ ଏକାଗ୍ର ଓ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା । ଜପର ଅଭ୍ୟାସ ପାଇଁ ଯେଉଁ ପାଂଚୋଟି ନିୟମ ରହିଛି ତାହା ହେଉଛି – ବୈଖରୀ, ଉପାଂଶୁ, ମାନସିକ, ଲିଖିତ, ଅଜପା । ଯୋଗର ବିଭିନ୍ନ ପ୍ରକାର ମଧ୍ୟରେ ଲୟ ଯୋଗର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଜୀବନରେ ସୃଷ୍ଟି, ସ୍ଥିତି ଓ ଲୟ ତିନୋଟି କ୍ରିୟା ରହିଛି । ଜୀବନର ପ୍ରଥମ ଭାଗ ସୃଷ୍ଟି ବାଲ୍ୟ ଓ କିଶୋର ବିତେ ଶିକ୍ଷା ଲାଭରେ । ପରିବାର ପ୍ରତିପୋଷଣ ପାଇଁ ଯେଉଁ ଶିକ୍ଷା ମିଳିଥାଏ ତାହା ହେଉଛି ମଧ୍ୟଭାଗ ସ୍ଥିତି ଓ ଅନ୍ତିମ ଭାଗ ଲୟ । ଅର୍ଥାତ୍ ସମସ୍ତେ ଏହି ସମୟରେ ଈଶ୍ୱର ଚିନ୍ତା କରନ୍ତି । ତେବେ ପରିଶେଷରେ ସମସ୍ତ ଭୂମିକାକୁ ତ୍ୟାଗ କରି ସ୍ୱରୂପରେ ସ୍ଥିତି ଲାଭ କରି ସେଥିରେ ଲୀନ ହେବା ହିଁ ଲୟ ଯୋଗ ଅଟେ । ହଟଯୋଗ ଶାସ୍ତ୍ର ଅନୁସାରେ ‘ହ’ର ଅର୍ଥ ପିଙ୍ଗଳା ନାଡ଼ି ବା ପ୍ରାଣ ବାୟୁ । ‘ଠ’ର ଅର୍ଥ କ୍ରୀଡ଼ାନାଡ଼ି ବା ଅପାନ ବାୟୁ । ଶରୀର ଓ ପ୍ରାଣ ଉପରେ ବିଜୟ ଲାଭ କରିବା ହଟଯୋଗ ସାଧନାର ଲକ୍ଷ୍ୟ । ମନ୍ତ୍ରଯୋଗ ପରି ଅତ୍ୟନ୍ତ ଅନ୍ୟଏକ ମହତ୍ୱପୂର୍ଣ୍ଣ ଯୋଗ ହେଉଛି ତନ୍ତ୍ରଯୋଗ । ଉଚ୍ଚସ୍ତରର ମନ୍ତ୍ର ସାଧନ ପ୍ରଣାଳୀକୁ ହିଁ ତନ୍ତ୍ର କୁହାଯାଏ । ଯାହାର ମାର୍ଗ ହେଉଛି ବାମ ମାର୍ଗ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*

# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

ଡ. ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱୋଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି ।

ଏହି ଡକ୍ୟୁମେ଼ାରୀରେ କୌଣସି ତଥ୍ୟ – ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ। ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ –ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – “ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।” ବର୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି – “ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି । ”

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ନାଦ ଅଧିନସ୍ଥ ଜଗତ ସର୍ବସ୍ୱ

ସତ୍ୟବ୍ରତ ପାଣିଗ୍ରାହୀ

ଏକଦା ଜଣେ ବାଳକ ବିଶ୍ୱର ସମସ୍ତ ଜଡ ଓ ଚେତନା ତତ୍ୱର ମୂଳ ଉତ୍ସ ସନ୍ଧାନ କରିବାର ଜିଜ୍ଞାସା କରି ଗୁରୁଙ୍କ ନିକଟକୁ ଗଲେ । ଗୁରୁ ସେହି ବାଳକର ଆଗ୍ରହ ଦେଖି ତାକୁ ଶିଷ୍ୟ ରୂପେ ଗ୍ରହଣ କଲେ । ଶିଷ୍ୟ ମଧ ଆଶ୍ରମରେ ରହି ବିଦ୍ୟା ଅଧ୍ୟୟନ କରିବା ସହ ନିଷ୍ଠାର ସହ ଗୁରୁ ସେବା କଲେ । ଶିଷ୍ୟର ଭକ୍ତିରେ ପ୍ରୀତ ହୋଇ ଗୁରୁ ସେହି ବାଳକକୁ କହିଲେ, ସମଗ୍ର ସୃଷ୍ଟିର ସାର ତତ୍ୱ ଓଁକାର, ଯାହାର ଗୁପ୍ତରହସ୍ୟ ଜାଣିଲେ ଆଉ କିଛି ଅଜ୍ଞାତ ରହିବ ନାହିଁ । ଶିଷ୍ୟ ଆନନ୍ଦର ସହ ଏହି ଗୁପ୍ତଜ୍ଞାନ ଗ୍ରହଣ କଲେ ମଧ ସର୍ବସାଧାରଣରେ ତାହାର ବହୁଳ ବ୍ୟବହାରକୁ ଲକ୍ଷ୍ୟ କରି ଆଚମ୍ବିତ ହୋଇପଡିଲେ । ଗୁରୁବାକ୍ୟ ପ୍ରତି ତାଙ୍କ ମନରେ ଶଙ୍କା ଜାତ ହେଲା ଏବଂ ସେ ତୁରନ୍ତ ଗୁରୁଙ୍କ ନିକଟକୁ ଯାଇ ନିଜ ମନର ଶଙ୍କା ପ୍ରକାଶ କଲେ । ତତ୍ପରେ ଗୁରୁଦେବ ଶିଷ୍ୟକୁ ଏକ ପ୍ରସ୍ତର ପ୍ରଦାନ କରି କହିଲେ ,‘ଯାଅ,ଏବଂ ଏହାର ଉଚିତ ମୂଲ୍ୟ ସନ୍ଧାନ କରି ଆସ । ‘ଶିଷ୍ୟ ଗୁରୁ ଆଦେଶ ମାନି ମୂଲ୍ୟ ନିରୂପଣ କରିବା ପାଇଁ ବିଭିନ୍ନ ସ୍ଥାନ ଭ୍ରମଣ କଲେ । କିନ୍ତୁ, ସମସ୍ତେ ସାଧାରଣ ପ୍ରସ୍ତର ଭାବି ଶିଷ୍ୟକୁ ତଡିଦେଲେ । ଶେଷରେ ଜଣେ ଦକ୍ଷ ସ୍ୱର୍ଣ୍ଣକାରିଗର ସେହି ପ୍ରସ୍ତରକୁ ଏକ ମୂଲ୍ୟବାନ ରତ୍ନ ଭାବରେ ଚିହ୍ନଟ କରିଥିଲେ କିନ୍ତୁ ମୂଲ୍ୟ ନିର୍ଣ୍ଣୟ କରିପାରିଲେ ନାହିଁ । ଶିଷ୍ୟ ସମସ୍ତ କଥା ଯାଇ ଗୁରୁଙ୍କୁ କହିଲେ । ଗୁରୁ ସେଠାରେ ଉପଦେଶ ଦେଲେ ଯେ, ‘ଯେଉଁଭଳି ଏହି ମୂଲ୍ୟବାନ ରତ୍ନ ର ଗୁରୁତ୍ୱ ସର୍ବସାଧାରଣ ବୁଝିପାରନ୍ତି ନାହିଁ ,ଠିକ ସେହିପରି ଓଁକାର ଶବ୍ଦ ର ସର୍ବସାଧାରଣରେ ଉଚ୍ଚାରଣ ହେଉଥିଲେ ମଧ ତାହାର ରହସ୍ୟ ଉନ୍ମୋଚନ କରିବା ଅତ୍ୟନ୍ତ ଦୁର୍ଲ୍ଲଭ ଓ କଷ୍ଟ ।

ଉପରୋକ୍ତ ଗଳ୍ପରୁ ଏହି ଶିକ୍ଷା ମିଳେ ଯେ, ଓଁ ର ତାତ୍ପର୍ଯ୍ୟ ବୁଝିବା ପାଇଁ କେବଳ ଉଚ୍ଚାରଣ ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ମନନ-ଚିନ୍ତନ-ନିଦିଧ୍ୟାସନ । ପତଞ୍ଜଳି ଯୋଗ ଦର୍ଶନ ରେ ଉଲ୍ଲେଖ ରହିଛି-‘ତତ୍ ଜପସ୍ତ ତଦର୍ଥ ଭାବନସ୍ତ’ ।( ଯୋଗସୂତ୍ର-୧/୨୮) ଅର୍ଥାତ ଯାହା ବି ଜପ କରାଯାଏ ,ତାହାର ଅର୍ଥପୂର୍ଣ୍ଣ ତାତ୍ୱିକ ବିଶ୍ଳେଷଣ ଏବଂ ତାତ୍ପର୍ଯ୍ୟ ଅନ୍ୱେଷଣ କରିବା ଉଚିତ ।ପ୍ରଣବ ଶବ୍ଦ ସମ୍ବନ୍ଧରେ ସୂତ୍ରକାର କହନ୍ତି- ‘ତସ୍ୟ ବାଚକ ପ୍ରଣବ‘ । (ପତଞ୍ଜଳି ଯୋଗସୂତ୍ର-୧/୨୭) ।

ଅର୍ଥାତ ସେହି ଈଶ୍ୱରଙ୍କର ବୋଧକ ଶବ୍ଦ ଓଁ ପଦରୁ ଜଣାପଡେ । ଅ,ଉ,ମ ଏହି ତିନୋଟି ଅକ୍ଷର ମିଳିତ ହୋଇ ଓଁକାର ହୋଇଅଛି । ଏହି ତିନୋଟି ଅକ୍ଷର ବ୍ରହ୍ମାଣ୍ଡର ତିନୋଟି ଗୁଣ ସତ୍ୱ ,ରଜ,ତମ ; ପରମାତ୍ମାଙ୍କ ତିନୋଟି ଭେଦ: ବିରାଟ(ସ୍ଥୁଳ),ହୀରଣ୍ୟଗର୍ଭ(ସୁକ୍ଷ୍ମ), ଈଶ୍ୱର(କାରଣ) ; ସୃଷ୍ଟି ର ତିନି କ୍ରିୟା: ଉତ୍ପତ୍ତି ,ସ୍ଥିତି ଓ ପ୍ରଳୟ ; ଚେତନାର ତିନି ଅବସ୍ଥା: ବୈଶ୍ୱ(ଜାଗ୍ରତ), ତୈଜସ(ସ୍ୱପ୍ନ),ପ୍ରଜ୍ଞା(ସୁଷୁପ୍ତି) ରୂପରେ ବିଦ୍ୟମାନ ।

ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି:‘ପ୍ରଣବ ସର୍ବବେଦେଷୁ‘- ମୁଁ ହେଉଛି ସକଳ ବେଦର ଓଁକାର । ଯୋଗମାର୍ଗରେ ଚାଳିତ ହେଉଥିବା ସାଧକମାନଙ୍କୁ ଲକ୍ଷ୍ୟ କରି ଉପନିଷଦରେ କୁହାଯାଇଛି;‘ପ୍ରଣବୋ ଧନୁ ଶରଃ ଆତ୍ମା ବ୍ରହ୍ମ ତତ୍ ଲକ୍ଷ୍ୟସ୍ୟମୁଚ୍ୟତେ ।‘ ଅର୍ଥାତ ପ୍ରଣବ ଓଁକାର ଧନୁ ଅଟେ । ଆତ୍ମା ଶର ଅଟେ । ବ୍ରହ୍ମଙ୍କୁ ଲକ୍ଷ୍ୟସ୍ଥଳ କୁହାଯାଇଛି । ସୃଷ୍ଟି ଆରମ୍ଭର ମୂଳଧ୍ୱନି ହେଉଛି ଓଁକାର । ଏହାକୁ ନାଦବ୍ରହ୍ମ କୁହାଯାଏ । ଏହି ନାଦ ଦ୍ୱାରା ସୃଷ୍ଟି ହୋଇଥିବା କମ୍ପନ ବା ବିସ୍ଫୋରଣ(ଇସଶ-ଇବଭଶ)ରୁ ହିଁ ଜଗତ ବ୍ୟକ୍ତ ହୋଇଛି । ଏହା ଆଧୁନିକ୍ୱିଜ୍ଞାନ ସମ୍ମତ ତଥ୍ୟ ।ଓଁକାର ଧ୍ୱନି କୁ ଅନାହତ ଧ୍ୱନି କୁହାଯାଏ ଯାହାକି ବିନା କୌଣସି ଆଘାତରେ ସୃଷ୍ଟି ହୁଏ ଏବଂ ଏହାର ଆଦି ଅନ୍ତ ନାହିଁ । ଆମ ନିଃଶ୍ୱାସ-ପ୍ରଶ୍ୱାସ ନେବା ସମୟରେ ଯେଉଁ ଅସ୍ପଷ୍ଟ ’ହମ୍ସ-ସ’ ଧ୍ୱନି ଉତ୍ପତ୍ତି ହୁଏ,ତାହା ହିଁ ଅନାହତ ନାଦ ବା ଅଜପା-ଜପ । ମନୁଷ୍ୟର କର୍ନେନ୍ଦ୍ରିୟ ୨୦ ରୁ ଆରମ୍ଭ କରି ୨୦୦୦୦ ହର୍ଜ୍ଜ ଆବର୍ତିଯୁକ୍ତ ଧ୍ୱନି ତରଙ୍ଗ ଶୁଣିପାରେ । ଏହାଠାରୁ ଅଧିକ ବା ଅଳ୍ପ ଆବୃତିଯୁକ୍ତ ଧ୍ୱନିକୁ ପରାଧ୍ୱନି ବା ଅନାହତ ନାଦ କୁହାଯାଏ । ଭର୍ତୃହରି ରଚିତ ବାକପଦୀୟ ଗ୍ରନ୍ଥରେ ବର୍ଣ୍ଣିତ ଶବ୍ଦବ୍ରହ୍ମ ଦର୍ଶନ ଅନୁସାରେ ନାଦ ଚାରିପ୍ରକାର - ପରା,ପଶ୍ୟନ୍ତି, ମଧ୍ୟମା, ବୈଖାରୀ । ଧ୍ୱନିର ଏହି ବିଭାଗୀକରଣ ବୈଜ୍ଞାନିକଯୁକ୍ତିଯୁକ୍ତ ଅଟେ । ସାଧାରଣରେ କଥିତ ଶବ୍ଦ କୁ ବୈଖାରୀ କୁହାଯାଏ । ଧ୍ୱନିର ସୂକ୍ଷ୍ମ ରୂପକୁ ପରା କୁହାଯାଏ । ସ୍ପନ୍ଦନରୁ ଜାତ ନାଦ, ନାଦ ରୁ ଜାତ ସଙ୍ଗୀତ, ସଂଗୀତରୁ ବ୍ୟକ୍ତ ହୁଏ ଅଖିଳ ବିଶ୍ୱପ୍ରପଂଚ । ଯାହାକିଛି ବସ୍ତୁ ଆମେ ଦେଖୁଛୁ, ତାହା ନାଦ ର ଜ୍ୟାମିତିକ ଚିତ୍ର ମାତ୍ର । ନାଦ ଅଭାବରେ ଜୀବନଜଗତ ନିଶ୍ଚଳ ହୋଇଯିବ । ନାଦର ମହତ୍ୱକୁ ଉପଲବ୍ଧି କରି ହିନ୍ଦୁ ଦେବାଦେବୀ ଙ୍କ ନିକଟରେ ଏକ ନାଦସଙ୍ଗୀତ ଉତ୍ପନ୍ନକାରୀ ଯନ୍ତ୍ର ଯଥା- ବୀଣା,ବଂଶୀ, ଡମରୁ, ଶଙ୍ଖ ଆଦି ଦେଖିବାକୁ ମିଳେ । ଏହା ଏକ ପ୍ରତୀକାତ୍ମକ କଳା ଅଟେ, ଯେଉଁଥିରେ ପ୍ରତୀକ ମଧ୍ୟରେ ଲୁଚି ରହିଥାଏ କିଛି ବାର୍ତା । ନାଦର ଆମ ମନ ଓ ଶରୀର ଉପରେ ପ୍ରଭାବ ରହିଛି । ପ୍ରତ୍ୟେକ ଧ୍ୱନି ମନରେ ଏକ ନିର୍ଦ୍ଧିଷ୍ଟ ଭାବନା ରସ ଉଦ୍ରେକ କରେ । ତେଣୁ ନାଦଯୋଗ ଓ ସଙ୍ଗୀତକୁ ମନସ୍ତାତ୍ୱିକ ଚିକିତ୍ସାରେ ବ୍ୟବହାର କରାଯାଏ ।

ସୃଷ୍ଟି ର ସମଗ୍ର ତତ୍ୱ ଏହି ଓଁକାର ନାଦରେ ସମାହିତ । ଐତେରେୟ ବ୍ରାହ୍ମଣ ରେ ଉଲ୍ଲେଖ ଅଛି ‘ନ ବୈ ବାକ କ୍ଷୀୟତେ’ , ଅର୍ଥାତ ବାଣୀର କ୍ଷୟ ହୁଏ ନାହିଁ । ସେଥିପାଇଁ ନାଦ କୁ ଅକ୍ଷର କୁହାଯାଏ, ଯାହା ନଷ୍ଟ ହୁଏ ନାହିଁ ତାହା ଅକ୍ଷର । ବ୍ରହ୍ମାଙ୍କ ବେଦନିଃସୃତ ବାଣୀ ହିଁ ଓଁକାର, ଶ୍ରୀକୃଷ୍ଣଙ୍କ ମଧୁର ବଂଶୀସ୍ୱନ ହେଉଛି ଓଁକାର ଏବଂ ଶିବଙ୍କ ଉଗ୍ର ତାଣ୍ଡବ ରୁ ନିର୍ଗତ କମ୍ପନ ମଧ ସେହି ଓଁକାର । ପିଣ୍ଡ-ବ୍ରହ୍ମାଣ୍ଡ ର ଆଧାର ଓଁକାର । ଏହି ଓଁକାର ଧ୍ୱନିକୁ ସମସ୍ତ ଧର୍ମ ଯଥା ହିନ୍ଦୁ,ବୌଦ୍ଧ, ଜୈନ, ଖ୍ରୀଷ୍ଟ, ଇସଲାମ,ସାକାରବାଦୀ, ନିରାକାରବାଦୀ ଉପଯୋଗ କରନ୍ତି । ଏହା ଏକ ସାର୍ବଭୌମ ତତ୍ୱ । ବାଇବେଲ(ଜନ-୧.୧-୩) କହେ ପ୍ରଥମେ ଥିଲା ଶବ୍ଦ , ଓ ସେହି ଶବ୍ଦ ଈଶ୍ୱରଙ୍କ ସହ ଥିଲା ଏବଂ ଶବ୍ଦ ହିଁ ଈଶ୍ୱର । ବିଶ୍ୱର ଯେକୌଣସି ଭାଷା ର ଶବ୍ଦ ଉଚ୍ଚାରଣ କଲାବେଳେ ମୁଖ ଖୋଲିବା ସମୟରେ ସର୍ବଦା ଅ-କାର ନିର୍ଗତ ହୁଏ । ମୁଖ ବନ୍ଦ କରିବା ସମୟରେ ମ-କାର ନିର୍ଗତ ହୁଏ । ଏହି ଦୁଇ ଅବସ୍ଥାର ମଧ୍ୟରେ ଉ-କାର ସୃଷ୍ଟି ହୁଏ । ତେଣୁ ସମସ୍ତ ଶବ୍ଦ,ବର୍ଣ୍ଣ,ଭାଷା ଏହି ଓଁକାର ଅନ୍ତର୍ଗତ ଅଟନ୍ତି । ଏହି ଓଁକାର ଶାନ୍ତସ୍ୱ-ଶିବସ୍ୱ-ଅଦ୍ୱୈତସ୍ୱ ବ୍ରହ୍ମଙ୍କ ପରିଚାୟକ । ଏତିକି ବେଳେ ଓଡ଼ିଶାର ପ୍ରଖ୍ୟାତ ଭଜନସମ୍ରାଟ ଭିକାରୀ ବଳ ଙ୍କ ଏକ ଭଜନ ମନେପଡିଯାଏ- ‘ଗାଇ ଗାଇ ରାମାୟଣ, ଶୁଣି ଶୁଣି ଗୀତା, ପଢି ପଢି ଭାଗବତ, ସରେନା ଯା କଥା’ । ଅର୍ଥାତ ସେହି ଓଁ ହେଉଛି ଅସୀମିତ ଜ୍ଞାନର ଭଣ୍ଡାର ଯାହାର ଅନ୍ତ ନାହିଁ । ଭାଗବତ ରେ କୁହାଯାଇଛି- ‘ଓଁକାର ରୂପେ ଥିଲା ବେଦ, କେହି ନ ଜାଣେ ତାର ଭେଦ’ । ଆଦ୍ୟଧ୍ୱନି ଓଁକାର ତତ୍ୱର ରହସ୍ୟ ଜାଣିବା ପାଇଁ ସାଧନା, ସ୍ୱାଧ୍ୟାୟ, ତପ ଓ ଭକ୍ତିର ଏକୀକୃତ ପ୍ରୟାସ ଲୋଡା । ସେହି ଅକ୍ଷରବ୍ରହ୍ମ ସକଳ ଜଗତ ପ୍ରପଂଚର ସାର ଓଁକାର ନାଦର ଅଧୀନରେ ସାରା ଜଗତ ତିଷ୍ଠି ରହିଛି ।

ଖୋର୍ଦ୍ଧା

# ବିହାରରେ ଯୋଜନା ବର୍ଷା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏହା ନିସନ୍ଦେହ ଯେ, ବିହାର ଏବେ ଜାତୀୟ ରାଜନୀତିରେ କେନ୍ଦ୍ର ବିନ୍ଦୁ ପାଲଟିଛି । ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଏବେ ଜନକଲ୍ୟାଣକାରୀ ଯୋଜନାଗୁଡିକର ବର୍ଷା ହେଉଥିବାବେଳେ ଭାରତର ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଟେଂନସିଭି ରିଭିଜନ(ଏସଆଇଆର)କୁ ନେଇ ପାର୍ଲିଆମେଂଟରେ ଝଡ ସୃଷ୍ଟି ହୋଇଥିବାବେଳେ ଉପ-ରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଆକସ୍ମିକ ଇସ୍ତଫା ପରେ ଏବେ ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ରାଜ୍ୟପାଳ ଆରିଫ ଅହମ୍ମଦ ଖାଁ ଏବଂ ଶାସକ ଜେଡିୟୁର ସାଂସଦ ତଥା ରାଜ୍ୟସଭାର ଉପାଧକ୍ଷ ହରିବଂଶ ସିଂହଙ୍କ ନାମକୁ ନେଇ ଜାତୀୟ ସ୍ତରରେ ଚର୍ଚ୍ଚା ଯୋର ଧରିଛି । ତେବେ ବିହାରରେ ଜନକଲ୍ୟାଣକାରୀ ଯୋଜନାର ବର୍ଷାରେ ବିସ୍ମିତ ହେବାରେ କିଛି ନାହିଁ । କାରଣ ଲୋକସଭା ହେଉ କି ବିଧାନସଭା ନିର୍ବାଚନ ହେଉ, ଅବ୍ୟବସ୍ଥିତ ପୂର୍ବରୁ ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ଶାସକ ଓ ବିରୋଧି ଦଳ ମାଗଣା ଯୋଜନାର ପ୍ରତିଶ୍ରୁତି ବର୍ଷା କରିବା ଭାରତୀୟ ନିର୍ବାଚନ ରାଜନୀତିରେ ଏକ ପରମ୍ପରାରେ ପରିଣତ ହୋଇଥିବା କହିଲେ ହୁଏତ ଅତିରଂଜିତ ହେବ ନାହିଁ । ଚଳିତ ବର୍ଷର ଶେଷ ଆଡକୁ ବିହାର ବିଧାନସଭା ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ନିତୀଶ କୁମାର ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ମାସକୁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ମାଗଣା ଦେବା ପାଇଁ ଘୋଷଣା କରିଛନ୍ତି । ଯାହାକି ଆସନ୍ତା ଅଗଷ୍ଟ ମାସ ପହିଲାରୁ ଲାଗୁ ହେବ । ଏ ଯୋଜନାରେ ରାଜ୍ୟର ୧.୬୭ କୋଟି ପରିବାର ଉପକୃତ ହେବ । ସେହିପରି କୁଟୀର ଜ୍ୟୋତି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟର ୫୮ ଲକ୍ଷ ପରିବାର ଛାତ୍ର ଉପରେ ସୋଲାର ପ୍ରତିଷ୍ଠା କରାଯିବ । କେବଳ ଏତିକି ନୁହେଁ ରାଜ୍ୟର ସରକାରୀ ଚାକିରୀରେ ମହିଳାଙ୍କ ପାଇଁ ୩୫ ପ୍ରତିଶତ ସଂରକ୍ଷଣ, ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କ ପାଇଁ ମାସିକ ସାମାଜିକ ସୁରକ୍ଷା (ଭତା) ୪୦୦ଟଙ୍କାରୁ ୧୧୦୦ଟଙ୍କାକୁ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । କେବଳ ଏତିକି ନୁହେଁ, ରାଜ୍ୟରେ ଯୁବକଲ୍ୟାଣ ପାଇଁ ରାଜ୍ୟ ଯୁବ କମିଶନ ପ୍ରତିଷ୍ଠା, ଯୁବକ ଯୁବତୀଙ୍କ ପାଇଁ ଏକ ନୂତନ ଇଂଟର୍ଣ୍ଣସିପ୍ ଯୋଜନା ପ୍ରଣୟନ କରାଯାଇଛି । ଯେଉଁ ଯୋଜନାରେ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ୧୮ରୁ ୨୮ ବର୍ଷ ମଧ୍ୟରେ ଯୁବକ ଯୁବତୀଙ୍କ ପାଇଁ ମାସିକ ଷ୍ଟାଇପେଣ୍ଡ ୪୦୦୦ଟଙ୍କାରୁ ୬୦୦୦ଟଙ୍କାକୁ ବୃଦ୍ଧି ଘୋଷଣା କରାଯାଇଛି । ଏହି ଯୋଜନାରେ ପ୍ରଥମ ବର୍ଷରେ ରାଜ୍ୟର ୫ହଜାର ଯୁବକ-ଯୁବତୀଙ୍କୁ ସାମିଲ କରିବା ପାଇଁ ଯୋଜନା ହୋଇଥିବାବେଳେ ଆସନ୍ତା ୫ବର୍ଷରେ ୧ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ରାଜ୍ୟରେ ଧାର୍ମିକ ପର୍ଯ୍ୟଟନ ସ୍ଥଳର ବିକାଶ ସ୍ୱରୁପ ପୁରୁଷୋତମ ଶ୍ରୀରାମ ପତ୍ନୀ ତାଙ୍କ ଜନ୍ମସ୍ଥାନ କୁହାଯାଉଥିବା ପୁରୁଣା ଧାମ ଜାନକୀ ମନ୍ଦିରର ବିକାଶ ପାଇଁ ୮୮୨.୮୭ କୋଟି ଟଙ୍କାର ଯୋଜନା ସରକାର ଘୋଷଣା କରିଛନ୍ତି । ଏପରିକି ମଧ ରାଜ୍ୟ ବାହାରେ ରହୁଥିବା ଶ୍ରମିକମାନଙ୍କୁ ଉତ୍ସବ ସମୟରେ ଫେରିବା ପାଇଁ ସହାୟତା ପ୍ରଦାନ କରାଯିବ । ଏହା ନିସନ୍ଦେହ ଯେ, ଶାସକ ଜେଡିୟୁ-ବିଜେପି ମେଂଟ ସରକାର ପୁନର୍ବାର କ୍ଷମତାକୁ ଫେରିବା ଲାଗି ଏହି ସମସ୍ତ ଜନହିତକର ଯୋଜନା ଘୋଷଣା କରିଛନ୍ତି । କିନ୍ତୁ ଏହା ନିସନ୍ଦେହ ଯେ, ରାଜ୍ୟର ବିକାଶ ଲାଗି ଆଗାମୀ ୫ବର୍ଷ ପାଇଁ ସରକାରଙ୍କର କୌଣସି ବଡ ଧରଣର ଯୋଜନା ନାହିଁ । ଏବେ ଯେଉଁ ସବୁ ଯୋଜନା ଘୋଷଣା କରିଛନ୍ତି, କେବଳ ସାମୟିକ ଓ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଧିଷ୍ଟ ବୋଲି କୁହାଯାଇପାରେ । ମୁଖ୍ୟ ବିରୋଧି ଦଳ ଆରଜେଡି କହିଛି, ଦଳ ଦେଇଥିବା ପ୍ରତିଶ୍ରୁତିକୁ ଲକ୍ଷ୍ୟ କରି ଶାସକ ଦଳ ବାଧ୍ୟ ବାଧ୍ୟକତାରେ ଏହି ସବୁ ଯୋଜନା ଘୋଷଣା କରିଛି । ଏହା ସତ୍ୟ ଯେ, ଏବେ ବହୁ ରାଜ୍ୟରେ ମାଗଣା ବିଦ୍ୟୁତ ଯୋଜନା କାର୍ଯ୍ୟକାରୀ ହେଉଛି । କେତେକ ରାଜ୍ୟରେ ମହିଳାଙ୍କ ପାଇଁ ନଗଦ ଟଙ୍କା ବଂଟନ କରାଯାଉଛି । କେନ୍ଦ ସରକାର ମଧ ଏଥିରୁ ବାଦ୍ ନୁହଁନ୍ତି । ୮୧କୋଟି ପରିବାରଙ୍କୁ ମୁଣ୍ଡ ପିଛା ମାସିକ ୫କିଲୋ ଖାଦ୍ୟଶସ୍ୟ ଯୋଗାଇ ଦେଇଛନ୍ତି । ବିହାରରେ ନୀତିଶ କୁମାରଙ୍କ ଜେଡିୟୁ କନିଷ୍ଠ ଅଂଶୀଦାର ଥିବାବେଳେ ବିଜେପି ଜ୍ୟେଷ୍ଠ ଅଂଶୀଦାର । ନୀତିଶ ମଧ ଏବେ ବାର୍ଦ୍ଧକ୍ୟର ଦ୍ୱାରଦେଶରେ । ବୟମାଧିକ୍ୟ ଜୀବନରେ ନିର୍ବାଚନ ବୈତରଣୀ ପାର ହେବା ଏହି ଯୋଜନା ଗୁଡିକର ଲକ୍ଷ୍ୟ ଏହା ସତ୍ୟ ଯେ, ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜନହିତକର ଯୋଜନାର ପ୍ରତିଯୋଗିତା ଏବେ ସବୁ ଦଳ ପାଇଁ ପରମ୍ପରାରେ ପରିଣତ ହୋଇଗଲାଣି ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ



# ଧୋନିଙ୍କୁ ପଛରେ ପକାଇ ଅନେକ ରେକର୍ଡ କଲେ ପନ୍ତ



ଭୁବନେଶ୍ୱର,(ପି.ଏନ): ଭଙ୍ଗା ଟୋ ବା କାଣି ଆଙ୍ଗୁଠି ପାଖଟି ବଲ ମାଡ ହୋଇ ଭାଙ୍ଗି ଯାଇଛି । ତଥାପି ପେନ କିଲର ନେଇ ଆଜି ସେ ମାଞ୍ଚେଷ୍ଟରରେ ବ୍ୟାଟିଂ କରିବାକୁ ଆସିଥିଲେ । ପ୍ରଥମ ଦିନରେ ୩୭ ରନ କରିଥିଲେ । ଆଜି ଆଉ ୧୭ ରନ କରି ନେଲେ । ଅର୍ଦ୍ଧଶତକ ପରେ ବଡ ଶଟ ଖେଳିବାକୁ ଯାଇ ୭୬ ବଲରେ ୫୪ ରନ କରି ପ୍ୟାଭିଲିୟନ ଫେରିଲେ । କିନ୍ତୁ ଏହି ୫୪ ରନର ଇନିଂସ ବଳରେ ବିଶ୍ୱ ରେକର୍ଡ କରିବାକୁ ସକ୍ଷମ ହୋଇ ଯାଇଛନ୍ତି । ଆମେ ଏଠାରେ ଟିମ ଇଣ୍ଡିଆର ୱିକେଟ କିପର ବ୍ୟାଟର ଋଷଭ ପନ୍ତଙ୍କ କଥା କହୁଛନ୍ତି । ଭଙ୍ଗା ଟୋରେ ବ୍ୟାଟିଂ କରିବାକୁ ଆସି ପନ୍ତ ଇଂଲଣ୍ଡ ବିପକ୍ଷ ମାଞ୍ଚେଷ୍ଟର ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି । ତାଙ୍କ ଅର୍ଦ୍ଧଶତକ ଯୋଗୁ ଭାରତ ପ୍ରଥମ ଇନିଂସରେ ୩୫୮ ରନ କରି ଅଲଆଉଟ ହୋଇଯାଇଛି । ଏହାକୁ ମିଶାଇ ଇଂଲଣ୍ଡରେ ପନ୍ତ ୯ମ ଥର ପାଇଁ ୫୦ରୁ ଅଧିକ ରନ କରିଛନ୍ତି । ଏବେ ସେ ବିଶ୍ୱର ପ୍ରଥମ ୱିକେଟ କିପର ଯିଏ ଇଂଲଣ୍ଡ ମାଟିରେ ୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ।

# ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପ୍ରବେଶ ଉତ୍ସବ



ଗୋଲାମୁଣ୍ଡା (ପି ଏନ), ସ୍ଥାନୀୟ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୨୫-୨୬ ଶିକ୍ଷାବର୍ଷରେ +୨ କଳା , ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପ୍ରଥମ ବାର୍ଷିକ ଛାତ୍ରୀ-ଛାତ୍ରଙ୍କ ସକାଶେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସରୋଜକାନ୍ତ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ନବାଗତ ବିଦ୍ୟାର୍ଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟାପିକା-ଅଧ୍ୟାପକମାନଙ୍କ ମଧ୍ୟରେ ବିଜୟ କୁମାର ସାହୁ , ପ୍ରତାପ ଚନ୍ଦ୍ର ନାୟକ, ପ୍ରବୀର କୁମାର ରାୟ , ଶାନ୍ତନୁ କୁମାର ପରିଡ଼ା , କବିପ୍ରସାଦ ପଟ୍ଟନାୟକ , ପ୍ରଦୀପ କୁମାର ମିଶ୍ର , ସନ୍ଦିପ କୁମାର କାନୁନଗୋ, ଯଯାତି କେଶରୀ ରାଉତ , ତ୍ରିନାଥ ପଟ୍ଟନାୟକ, ଶୋଭାଗିନୀ ନାୟକ , ପ୍ରିୟମ୍ବଦା ରଥ , ଲିଙ୍ଗେଶ୍ୱର ମେହେର, କ୍ଷୀରସିନ୍ଧୁ ବାରିକ , ପ୍ରସନ୍ନ କୁମାର ପ୍ରଧାନ, ଦିଲ୍ଲିପ କୁମାର ସ୍ୱାଇଁ , ପ୍ରମୋଦ ମହାନ୍ତି , ବୈକୁଣ୍ଠ ପଟେଲଙ୍କ ସମେତ ସମସ୍ତ ଅଣ-ଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତିରେ ଶତାଧିକ ଛାତ୍ର-ଛାତ୍ରୀ ଉତ୍ସାହିତ ହୋଇ ପ୍ରବେଶ ଉତ୍ସବର ଉପଯୋଗିତାକୁ ଉପଭୋଗ କରିଥିଲେ । ବିଦ୍ୟାଳୟ ରୂପକ ମନ୍ଦିରରେ ଶିକ୍ଷାନିବେଶଙ୍କୁ କୁଳଦେବତା - ଦେବୀ ଆସନରେ ବସାଇ , ଶିକ୍ଷକ-ଶିକ୍ଷୟିତ୍ରୀମାନେ ପୂଜକ ସାଜି ବିଦ୍ୟା ରୂପକ ନୈବେଦ୍ୟ ପ୍ରଦାନରେ ନିରନ୍ତର ଉପାସିତ ବିଦ୍ୟାର୍ଥୀମାନଙ୍କୁ ଆପତ୍ତିଜନକ ଇଙ୍ଗିତ କିମ୍ବା ଉଚ୍ଚାରଣରୁ ମୁକ୍ତ ରହି ସମସ୍ତ ଶିକ୍ଷକ , ଅଣଶିକ୍ଷକ କର୍ମଚାରୀ ସମେତ ଛାତ୍ରୀ- ଛାତ୍ର ନିବୃତ୍ତ ରହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ-ଅଭିମାନ- ସ୍ୱାଭିମାନକୁ ସର୍ବଦା କାୟ-ମନ ଓ ବାକ୍ୟରେ ଧାରଣକରି ଅନୁଷ୍ଠାନର ଅତୀତ ଗୌରବ ବର୍ତ୍ତମାନର ଜୟ ଗାନରେ ମୁଖରିତ କରି ଭବିଷ୍ୟତ ପାଇଁ ସଂକେତ ଛାଡ଼ି ଯିବାର ଧର୍ମ ପାଳନ ନିମିତ୍ତ ଅଧ୍ୟକ୍ଷଙ୍କ ସମେତ ସଭା ମଣ୍ଡିତ ସଭ୍ୟମାନେ ଛାତ୍ର- ଛାତ୍ରୀମାନଙ୍କୁ ଉପଦେଶ ଓ ପରାମର୍ଶ ଦେଇଥିଲେ ।

# ଷ୍ଟୋକ୍ସଙ୍କୁ ୫ ୱିକେଟ, ଭାରତର ପ୍ରଥମ ଇନିଂସ ୩୫୮ରେ ଅଟକିଲା

ଭୁବନେଶ୍ୱର,(ପି.ଏନ): ମାଞ୍ଚେଷ୍ଟର ଟେଷ୍ଟର ପ୍ରଥମ ଇନିଂସରେ ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଘାତକ ବୋଲିଂ କରିଛନ୍ତି । ସେ ଏକାକୀ ୫ ୱିକେଟ ନେବାରୁ ଭାରତ ତା'ର ପ୍ରଥମ ଇନିଂସରେ ୩୫୮ ରନ କରି ଅଟକି ଯାଇଛି । ପ୍ରଥମ ଦିନରେ ଆହତ ହୋଇ ଅଧାରୁ ପଡିଆ ଛାଡିଥିବା ଋଷଭ ପନ୍ତ ଆଜି ବ୍ୟାଟିଂ କରିବାକୁ ଆସିଥିଲେ । ତାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଛି । ସେ ୫୪ ରନ କରି ୯ମ ବ୍ୟାଟର ଭାବେ ଆଉଟ ହେବା ପରେ ଭାରତର ଆଉ ୯ ରନ ଯୋଡି ଅଲଆଉଟ ହୋଇ ଯାଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପ୍ରଥମ ଦିନର ଲଞ୍ଚ ସୁଦ୍ଧା କୌଣସି ୱିକେଟ ହରାଇ ନଥିଲା । କେଏଲ ରାହୁଲ ଓ ଯଶସ୍ୱୀ ଜୈସୱାଲ ଦମଦାର ବ୍ୟାଟିଂ କରିଥିଲେ । ଲାଗୁଥିଲା ମାଞ୍ଚେଷ୍ଟରରେ ବଡ ସ୍କୋର କରିବ ଭାରତ । କିନ୍ତୁ ଲଞ୍ଚ ପରେ ରାହୁଲ ୪୬ ରନ କରି ପ୍ରଥମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ । ଯଶସ୍ୱୀ ଜୈସୱାଲ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ୫୬ ରନରେ ଲିଆମ ଡାୱସନଙ୍କ ବଲରେ ଆଉଟ ହୋଇଥିଲେ । ୮ ବର୍ଷ ପରେ ଡାୱସନ ଟେଷ୍ଟ ଖେଳୁଥିବା ବେଳେ ଜୈସୱାଲଙ୍କ ୱିକେଟ ତାଙ୍କ ଖାତାକୁ ଯାଇଥିଲା ।ଜୈସୱାଲଙ୍କ ପରେ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ହେଁ ଇଂଲିଶ ଅଧିନାୟକ ବେନ ଷ୍ଟୋକ୍ସ ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ସେ ୧୨ ରନ କରିଥିବା ଗିଲଙ୍କୁ ଆଉଟ କରି ଭାରତକୁ ବଡ ଝଟକା ଦେଇଥିଲେ । ଏହାପରେ ସାଇ ଓ ପନ୍ତ ଭାରତୀୟ ଇନିଂସକୁ ଆଗକୁ ନେଇଥିଲେ । ସାଇ ମଧ୍ୟ ନିଜ ଟେଷ୍ଟ କ୍ୟାରିୟରର ତୃତୀୟ ଇନିଂସରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ ।

# କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କଲେ ରାଜ୍ୟପାଳ କମ୍ଭମପତି

## *କିସ୍ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିବାରେ କମ୍ଭମପତି ପ୍ରଥମ ରାଜ୍ୟପାଳ*

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଏବଂ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମପତି ଆଜି କିଟ୍, କିସ୍ ଓ କିମ୍ସ ପରିଦର୍ଶନରେ ଆସି କିସ୍‌ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ । କିସ୍ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିବାରେ କମ୍ଭମପତି ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜ୍ୟପାଳ । ଆଜି ପୂର୍ବାହ୍ନରେ ରାଜ୍ୟପାଳ ଡ. କମ୍ଭମପତି ସପତ୍ନୀକ କିଟ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ । ପରେ ରାଜ୍ୟପାଳ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ । କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍କୁଲ୍ ବୁଲିବା ସହ ସେଠାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ ରୁରାଲ ମ୍ୟାନେଜମେଣ୍ଟ କ୍ୟାମ୍ପସ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟପାଳ କିଟ୍‌ର ଆକର୍ଷଣୀୟ ସ୍କଲ୍‌ପଚର୍ ପାର୍କ ପରିଦର୍ଶନ କରି ବିମୋହିତ ହୋଇଥିଲେ । ଏଠାରେ ପଥରରେ ଆଧ୍ୟାତ୍ମିକ ଓ ଶିକ୍ଷାର ସମନ୍ୱୟ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ସେହିପରି ସେ କିଟ୍‌ର ଗୋଲାପ ବଗିଚା, ଲ ସ୍କୁଲ୍, ବାୟୋଟେକ୍ନୋଲୋଜି, କିମ୍ସ, କିମ୍ସ ସୁପରସ୍ପେଶିଆଲିଟି ହସ୍‌ପିଟାଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ । କିସ୍‌ରେ ପହଞ୍ଚିବା ପରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା । ପରେ କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ । ଏଠାରେ ସୂଚନାଯୋଗ୍ୟ, ରାଜ୍ୟପାଳ କିସ୍ ପରିଦର୍ଶନ ସମୟରେ କିସ୍ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ପାଇଁ ଇଚ୍ଛା ପ୍ରକଟ କରିଥିଲେ । ମଧ୍ୟାହ୍ନଭୋଜନ କରିବା ପରେ ସେ ପିଲାମାନଙ୍କ ସହ ଦୀର୍ଘ ସମୟ ଅତିବାହିତ କରି ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏତେ ସଂଖ୍ୟକ ପିଲାଙ୍କ ସହ ଏକାଠି ବସି ମଧ୍ୟାହ୍ନଭୋଜନ କରିବା ତାଙ୍କୁ ବେଶ ଆମୋଦିତ କରିଥିଲା । ସମସ୍ତ କ୍ୟାମ୍ପସ ପରିଦର୍ଶନ ପରେ ଓଡ଼ିଶାରେ କିଟ୍ ଓ କିସ୍ ଭଳି ଅନୁଷ୍ଠାନ ଅଛି ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଇଂଜିନିୟରିଂ ପୃଷ୍ଠଭୂମି ଥିବା ଜଣେ ଶିକ୍ଷାବିତ୍ ଭାବେ ସେ କିଟ୍ ଓ କିସ୍‌ର ଶୈକ୍ଷିକ ପରିବେଶ ଦେଖି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ସମୁଦ୍ର ଅଶାନ୍ତ ଯୋଗୁଁ ମାଛ ଧରିବାକୁ ନଯିବା ପାଇଁ ସତର୍କ ସୂଚନା



ପାରାଦ୍ୱୀପ ,(ପି.ଏନ): ଆସନ୍ତା ୨୪ ତାରିଖ ଠାରୁ ୨୬ ତାରିଖ ତିନିଦିନ ପର୍ଯ୍ୟନ୍ତ ଅଶାନ୍ତ ରହିବ ସମୁଦ୍ର । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ର ପ୍ରଭାବ ରେ ସମୁଦ୍ର ଅଶାନ୍ତ ରହିବା ସହିତ ଉଚ୍ଚ ଜୁଆର ଓ ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ସମୁଦ୍ରକୁ ମାଛ ଧରିବା ପାଇଁ ନଯିବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି । ବିଭାଗ ପକ୍ଷରୁ ପାରାଦ୍ୱୀପ ର ନେହେରୁବଙ୍ଗଳା ମାଛଧରା ବନ୍ଦର, ଅଠରବାଙ୍କି ବାଲିଫ୍ଲଟ, ନୂଆ ବଜାର ନୋଳିଆ ସାହି, ଷଣ୍ଢକୁଦ ବସ୍ତି ଓ ଚଢ଼ଉମୁହାଣୀ ପ୍ରଭୃତି ମାଛଧରା ସ୍ଥାନ ଓ ମତ୍ସ୍ୟଜୀବୀ ଙ୍କ ବସ୍ତି ଅଞ୍ଚଳରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି । ୨୪ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ କୌଣସି ମତ୍ସ୍ୟଜୀବୀ ସମୁଦ୍ର କୁ ମାଛ ଧରିବା ପାଇଁ ନଯିବା ସହିତ ଯେଉଁମାନେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଛନ୍ତି ସେମାନେ ୨୪ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ ସୂଚନା ଦିଆଯାଇ ।

# ଦକ୍ଷିଣ ଏସିଆରେ ୧,୦୦୦ରୁ ଅଧିକ ସ୍କୁଲ ସ୍ଥାପନ କରିଛି କ୍ୟାମ୍ବ୍ରିଜ

ଭୁବନେଶ୍ୱର,(ପି.ଏନ) : କ୍ୟାମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ଏବଂ ଆସେସମେଂଟ (କ୍ୟାମ୍ବ୍ରିଜ୍)ର ଇଂଟରନ୍ୟାସନାଲ ଏଜୁକେସନ୍ ଗ୍ରୁପ୍, ଦକ୍ଷିଣ ଏସିଆରେ ୧,୦୩୪ଟି କ୍ୟାମ୍ବ୍ରିଜ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ସ୍ଥାପନା କରିଥିବା ଘୋଷଣା କରିଛି । ଯେଉଁଥିରୁ କେବଳ ଭାରତରେ ୮୦୦ ରୁ ଅଧିକ ସ୍କୁଲ୍‌ରେ କ୍ୟାମ୍ବ୍ରିଜ୍ ପ୍ରୋଗ୍ରାମ୍ ଚାଲିଛି । ଗତ ବର୍ଷ ୨୦୨୩-୨୪ ରେ ଏହି ସଂଖ୍ୟା ୮୯୪ ଥିଲା, ଯାହା ୨୦୨୪-୨୫ ରେ ୧୬% ବୃଦ୍ଧି ପାଇଁ ୧,୦୩୪ ହୋଇଛି । ନୂଆ ଯୋଗ ମଧ୍ୟରୁ ୮୧% ରୁ ଅଧିକ ଭାରତରେ ରହିଛି । ସମଗ୍ର ଦକ୍ଷିଣ ଏସିଆର ୭୫% ରୁ ଅଧିକ କ୍ୟାମ୍ବ୍ରିଜ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ଭାରତରେ ଅବସ୍ଥିତ ଅଛି, ଏବଂ ୧୨% ବାଙ୍ଗ୍ଲାଦେଶରେ । ପୁଣେ ର ବ୍ରମ୍ହପ୍ରିୟ ୱର୍ଲ୍ଡ ସ୍କୁଲ୍ ହେଉଛି ୧୦୦୦ତମ କ୍ୟାମ୍ବ୍ରିଜ୍ ସ୍କୁଲ୍ । ଯଦିଓ ୫୩% କ୍ୟାମ୍ବ୍ରିଜ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ଟିଅର-୧ ସହରରେ ଅଛି, କିନ୍ତୁ ଭାରତର ଦକ୍ଷିଣ ଅଂଚଳରେ ଛୋଟ ସହର ଓ ଜିଲ୍ଲାଗୁଡ଼ିକ ମଧ୍ୟରେ କ୍ୟାମ୍ବ୍ରିଜ୍ ସ୍କୁଲ୍ ର ଅଧିକ ଗ୍ରହଣୀୟତା ଦେଖାଯାଉଛି । ଟିଅର-୨ ଓ ଟିଅର-୩ ସହରଗୁଡ଼ିକ ମିଶି ୪୭% ଅଂଶରେ ଏହି ସ୍କୁଲ ରହିଛି । ଦକ୍ଷିଣ ଏସିଆରେ କ୍ୟାମ୍ବ୍ରିଜ୍ର ବୃଦ୍ଧି ବିଶ୍ୱ ଭରି ଅନ୍ତର୍ଜାତୀୟ ଶିକ୍ଷା ପ୍ରତି ଗଢିଉଠୁଥିବା ଝୁକିକୁ ଦର୍ଶାଉଛି, ଯେଉଁଠି ୨୦୨୪ ରେ ପୂର୍ବ ବର୍ଷମାନଙ୍କ ତୁଳନାରେ ଅଧିକ ଛାତ୍ରଛାତ୍ରୀ କ୍ୟାମ୍ବ୍ରିଜ୍ ପରୀକ୍ଷା ଦେଇଛନ୍ତି । ଦକ୍ଷିଣ ଏସିଆରେ କେମ୍ବ୍ରିଜର ଅଭିବୃଦ୍ଧି ଆ'ର୍ଜାତୀୟ ଶିକ୍ଷା ପ୍ରତି ବିଶ୍ୱସ୍ତରୀୟ ପରିବର୍ତ୍ତନକୁ ପ୍ରତିଫଳିତ କରେ । କ୍ୟାମ୍ବ୍ରିଜ ମାର୍ଚ୍ଚ ୨୦୨୬ ରେ ଏକ ତୃତୀୟ କେମ୍ବ୍ରିଜ ଚେକପଏଂଟ ପରୀକ୍ଷା ସିରିଜ୍ ପ୍ରଚଳନ କରିବ, ଯାହା ସ୍କୁଲଗୁଡ଼ିକୁ ସେମାନଙ୍କର ଶିକ୍ଷାଗତ କ୍ୟାଲେଣ୍ଡର ସହିତ ମୂଲ୍ୟାଙ୍କନ ସୂଚୀବଦ୍ଧ କରିବା ପାଇଁ ଅଧିକ ନମନୀୟତା ପ୍ରଦାନ କରିବ । କ୍ୟାମ୍ବ୍ରିଜ ସହିତ, ଛାତ୍ରଛାତ୍ରୀମାନେ ଏଏସ ଏବଂ ଏ ସ୍ତର ପାଇଁ ୫୦ ରୁ ଅଧିକ ବିଭିନ୍ନ ବିଷୟ ଏବଂ କ୍ୟାମ୍ବ୍ରିଜ ଆଇଜିସିଏସଇ ପାଇଁ ୭୦ ରୁ ଅଧିକ ବିଷୟ ମଧ୍ୟରୁ ବାଛିପାରିବେ । ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପାଇଁ ସବୁଠାରୁ ଉପଯୁକ୍ତ ବିଷୟ ବାଛିବା ପାଇଁ ବିଶାଳ ସୁବିଧା ଏବଂ ପସନ୍ଦ ପ୍ରଦାନ କରେ । ଏସମ୍ପର୍କରେ ସାଉଥ ଏସିଆରେ ଇଂଟରନ୍ୟାସନାଲ ଏଜୁକେସନର ବରିଷ୍ଠ ଉପାଧ୍ୟକ୍ଷ ଶ୍ରୀ ବିନୟ ଶର୍ମା କହିଛନ୍ତି ଯେ, 'ଦକ୍ଷିଣ ଏସିଆରେ ୧,୦୦୦ ସ୍କୁଲ ଅତିକ୍ରମ କରିବା ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରିବା ପ୍ରତି ଆମର ଅଟଳ ପ୍ରତିବଦ୍ଧତାର ପ୍ରମାଣ, ଯାହା ଶିକ୍ଷାର୍ଥୀ ଏବଂ ଶିକ୍ଷକ ଉଭୟଙ୍କୁ ସଶକ୍ତ କରିଥାଏ । ଭାରତରେ ୮୦୦ ରୁ ଅଧିକ କ୍ୟାମ୍ବ୍ରିଜ୍ ଇଂଟରନ୍ୟାସନାଲ୍ ସ୍କୁଲ ସହିତ, ଆମେ ସମଗ୍ର ଅଂଚଳରେ ନବସୃଜନ, ଅନ୍ତର୍ଭୁକ୍ତିକରଣ ଏବଂ ଉତ୍କର୍ଷତା ଚଳାଇବାରେ ଆଗରେ ରହିବା ପାଇଁ ଗର୍ବିତ । ଆମର କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାଗତ ସଫଳତାଠାରୁ ଅଧିକ ଯାହାକି ଶିକ୍ଷାର୍ଥୀମାନଙ୍କୁ ଜଳବାୟୁ ପରିବର୍ତ୍ତନରୁ ଏଆଇର ଉତ୍ଥାନ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ଦକ୍ଷତା, ମାନସିକତା ଏବଂ ଆତ୍ମବିଶ୍ୱାସ ସହିତ ସଜ୍ଜିତ କରନ୍ତି ।'

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray